# ଓଡ଼ିଶାରେ ରାଇ ସୋରିଷ ଓ ସୋରିଷ ଫସଲରୁ ଅଧିକ ଅମଳ ପାଇବା ପାଇଁ ଧାଡ଼ିବୁଣା

ତୈଳବୀଜ ଫସଲ ଉତ୍ପାଦନ କ୍ଷେତ୍ରରେ ଭାରତ ବିଶ୍ୱରେ ଚତୁର୍ଥ ସ୍ଥାନ ହାସଲ କରିଛି । ଭାରତରେ ଚାଷ କରାଯାଉଥିବା ସାତୋଟି ତୈଳବୀଜ ଫସଲ ମଧ୍ୟରେ ରାଇ ସୋରିଷ (Mustard) ଓ ସୋରିଷ (Toria) ରୁ ଶତକଡା ୨୮.୬ ଭାଗ ଉତ୍ପାଦନ ମିଳିଥାଏ । ମୋଟ ତୈଳବୀଜ ଉତ୍ପାଦନର ଶତକଡା ୨୭.୮ ଭାଗ ଚିନାବାଦାମରୁ ମିଳିଥାଏ । ଭାରତରେ ୬୩.୪ ଲକ୍ଷ ହେକ୍ଟର ଜମିରେ ସୋରିଷ ଚାଷ କରାଯାଇ ୭୮.୨ ଲକ୍ଷ ଟନ୍ ଉତ୍ପାଦନ ମିଳିଥାଏ । ଏହି ଫସଲର ଉତ୍ପାଦକତା ହେକ୍ଟର ପ୍ରତି ୧୨୩୪ କି.ଗ୍ରା. ଅଟେ । ଓଡ଼ିଶାରେ ପ୍ରାୟ ୧.୪୫ ଲକ୍ଷ ହେକ୍ଟର ଜମିରେ ସୋରିଷ ଚାଷ କରାଯାଇ ହେକ୍ଟର ପ୍ରତି ୪୨୪ କି.ଗ୍ରା. ଅମଳ ସହିତ ୦.୬ ଲକ୍ଷ ଟନ ଉତ୍ପାଦନ ମିଳିଥାଏ । ରାଜ୍ୟରେ ଧାନ ଭିତ୍ତିକ ଫସଲ ପର୍ଯ୍ୟାୟରେ ସୋରିଷ ପ୍ରମୁଖ ଭୂମିକା ଗ୍ରହଣ କରିଛି ।



## ଜମି ପ୍ରସ୍ତୁତି:

ସୋରିଷର ମଞ୍ଜି ଅତି କ୍ଷୁଦ୍ର ହୋଇଥିବାରୁ ପାରମ୍ପରିକ ଭାବେ ଏହା ବୁଣିବା ପୂର୍ବରୁ ମାଟିକୁ ଭଲ ଭାବେ ଗୁଣ୍ଡ କରାଯାଇଥାଏ । ମାଟିକୁ ଗୁଣ୍ଡ କରିବା ପାଇଁ ଜମିକୁ ୨-୩ ଥର ହଳ କରିବା ପରେ ମଇଦେଇ ସମତୁଲ କରାଯାଇଥାଏ । ଜମିରୁ ଅନାବନା ଘାସ ଓ ଫସଲର ଅବଶିଷ୍ଟାଂଶ ବାହାର କରିଦିଆଯାଇଥାଏ । ତେବେ ଧାନ ବା ମକା ପରେ ସୋରିଷ ବୁଣିବାକୁ ଥିଲେ ହଳ ନକରି ବୁଣିଦେବା ଭଲ । ଏହା ହେଲେ ମାଟିର ବତରକୁ ଉପଯୋଗ କରିବା ସହିତ ଶୀଘ୍ର ବୁଣା କାମ ଶେଷ ହୋଇଥାଏ । ଏଥିପାଇଁ ଧାନ ପାଚିବା ପରେ ଅଧିକ ଦିନ ଜମିରେ ନ ରଖି କାଟିଦେବା ଭଲ । କାଟିବା ପରେ ଧାନକୁ ଶୀଘ୍ର କିଆରୀରୁ ବାହାର କରିଦେବା ଉଚିତ୍ । କଟା ଯାଇଥିବା ଧାନକୁ କିଆରୀର ଗୋଟିଏ କଡରେ ଗଦା କରାଯାଇପାରେ ବା ଖଳାରେ ଶୁଖାଇ ଦିଆଯାଏ ।

## ବୁଣିବା:

ବିହନ ବୁଣା ଯନ୍ତ୍ର ବ୍ୟବହାର କରି ଧାଡିବୁଣା କରିବା ଦ୍ୱାରା ଉପଯୁକ୍ତ ଦୂରତା ଏବଂ ଠିକ୍ ଗଭୀରତାରେ ବିହନ ପଡିବା ଯୋଗୁଁ ଭଲ ଗଜା ହୋଇଥାଏ । ଏହାଦ୍ୱାରା କମ୍ ବିହନ ଆବଶ୍ୟକ ହେବା ସହିତ ଉପଯୁକ୍ତ ଗଛ ସଂଖ୍ୟା ରହିଥାଏ । ସାର ବ୍ୟବହାର ଏବଂ କୋଡାଖୁସା କାର୍ଯ୍ୟ ସହଜ ହୋଇଥାଏ ।



ସମପୋଷକ ଅଂକୁରଣ ଓ ସୁସ୍ଥ ଧାଡ଼ିବୁଣା ରାଇ ସୋରିଷ

ପାରମ୍ପରିକ ହଳ କରାଯାଇଥିଲେ ମିଟରିଂ ବ୍ୟବସ୍ଥା ଥାଇ ବିହନ ଏବଂ ସାର ବାକ୍ସ ସଂଯୁକ୍ତ ଥିବା ଉନ୍ନତ ମାନର ସାର ଓ ବିହନ ବୁଣାଯନ୍ତ୍ର ବ୍ୟବହାର କରିବା ଉଚିତ୍ । ପାରମ୍ପରିକ ହଳ ଓ ବିନା ହଳ କରିବା ପଦ୍ଧତିରେ କଣାଥିବା ରୋଲର ଓ ବିହନ ମିଟରିଂ ବ୍ୟବସ୍ଥା ଥିବା ବିନା ହଳ ବିହନ ତଥା ସାର ପ୍ରୟୋଗ ଯନ୍ତ୍ର ବ୍ୟବହାର କରାଯାଇପାରେ । ଏହି ଯନ୍ତ୍ର ସାହାଯ୍ୟରେ ବୁଣିବା ପାଇଁ ବିହନକୁ ଫସଫରସ ଯୁକ୍ତ ସାର (ଡିଏପି/ ଏନପିକେ) ସହିତ ମିଶାଇ ବିହନ ବାକ୍ସରେ ରଖାଯାଇଥାଏ ।

ମାଟିରେ ଯଥେଷ୍ଟ ବତର ଥିବାବେଳେ ବିହନ ବୁଣିବା ଆବଶ୍ୟକ । ଶୁଖିଲା ବୁଣିବା ପରେ ଜଳସେଚନ କଲେ ଗଜା ସଂଖ୍ୟା କମିବା ସହିତ ଅଧିକ ଘାସ ହୋଇଥାଏ ।

## ବୁଣିବା ସମୟ

- ସୋରିଷ/ରାଇ ସୋରିଷ: ଅକ୍ଟୋବର ମଧ୍ୟ ଭାଗରୁ ନଭେମ୍ବର ମଧ୍ୟ ଭାଗ ।

## ବିହନ ପରିମାଣ:

- ରାଇ ସୋରିଷ: ଏକର ପ୍ରତି ୨.୫-୩ କି.ଗ୍ରା.
- ସଙ୍କର କିସମ ରାଇ ସୋରିଷ: ଏକର ପ୍ରତି ୧-୧.୫ କି.ଗ୍ରା.
- ସୋରିଷ: ଏକର ପ୍ରତି ୧.୫-୨ କି.ଗ୍ରା.

## ବିହନ ବିଶୋଧନ:

- ପ୍ରତି କିଲୋଗ୍ରାମ ବିହନ ସହିତ ୨.୫ ଗ୍ରାମ୍ ଥିରାମ କିମ୍ବା ୨ ଗ୍ରାମ୍ ବାଭିଷ୍ଟିନ୍ ମିଶାଇ ବିଶୋଧନ କରନ୍ତୁ ।

- **ବୁଣିବା ଦୂରତା: ରାଇ ସୋରିଷ ଓ ସଙ୍କର କିସମ ବିହନ:**
- **ଧାଡିକୁ ଧାଡି- ୩୦ ସେ.ମି. ସୋରିଷ: ଧାଡ଼ିକୁ ଧାଡି- ୨୦-୨୫ ସେ.ମି**
- ବୁଣିବାର= ଗଭୀରତା: ୨-୨.୫ ସେ.ମି

## କିସମ

- ରାଇସୋରିଷ: ଜେଡ଼ି ୬, ପୁଷାବୋଲଡ, ପୁଷା ଜୟକିଷାନ, ବି ୯
- ସଙ୍କର କିସମ: ବେୟର ୫୧୧୧, ମାହିକୋ ବୋଲ୍ଡ
- ସୋରିଷ: ଏମ ୨୭, ଅନୁରାଧା, ପାର୍ବତୀ



ଡିଏପି କିମ୍ବା ଏନପିକେ ସାର ସହ ବିହନର ମିଶ୍ରଣ





ବିନା ଚାଷରେ ବିହନ ବୁଣା ଯନ୍ତ୍ର ଦ୍ୱାରା ସୋରିଷ ବୁଣା

## ଖାଦ୍ୟସାର ପରିଚାଳନା:

ସୋରିଷ ଫସଲ ପାଇଁ ଯବକ୍ଷାର ଓ ଫସଫରସ ପ୍ରମୁଖ ଖାଦ୍ୟସାର ଅଟେ ।

- ରାଇ ସୋରିଷ: ହେକ୍ଟର ପ୍ରତି ୮୦ କି.ଗ୍ରା. ଯବକ୍ଷାର, ୪୦ କି.ଗ୍ରା. ଫସଫରସ ଓ ୪୦ କି.ଗ୍ରା. ପଟାସ
- ସଙ୍କର କିସମ: ହେକ୍ଟର ପ୍ରତି ୧୦୦ କି.ଗ୍ରା. ଯବକ୍ଷାର, ୫୦ କି.ଗ୍ରା. ଫସଫରସ ଓ ୫୦ କି.ଗ୍ରା. ପଟାସ
- ସୋରିଷ: ହେକ୍ଟର ପ୍ରତି ୬୦ କି.ଗ୍ରା. ଯବକ୍ଷାର, ୩୦ କି.ଗ୍ରା. ଫସଫରସ ଓ ୩୦ କି.ଗ୍ରା. ପଟାସ
- ରାଇସୋରିଷ: ବୁଣିବାବେଳେ ବିହନ ବୁଣାଯନ୍ତ୍ର ସହିତ ଏକର ପ୍ରତି ୩୦-୩୫ କି.ଗ୍ରା. ଡିଏପି ପ୍ରୟୋଗ କରନ୍ତୁ । ପ୍ରଥମ ଜଳସେଚନ ପୂର୍ବରୁ ଏକର ପ୍ରତି ୫୦-୫୫ କି.ଗ୍ରା. ୟୁରିଆ ଓ ୨୫ କି.ଗ୍ରା. ମ୍ୟୁରେଟ୍ ଅଫ୍ ପଟାସ୍ ପ୍ରୟୋଗ କରନ୍ତୁ ।
- ସଙ୍କର କିସମ: ବୁଣିବାବେଳେ ବିହନ ବୁଣା ଯନ୍ତ୍ର ସହିତ ଏକର ପ୍ରତି ୩୫-୪୦ କି.ଗ୍ରା. ଡିଏପି ପ୍ରୟୋଗ କରନ୍ତୁ । ପ୍ରଥମ ଜଳସେଚନ ପୂର୍ବରୁ ଏକର ପ୍ରତି ୬୦ କି.ଗ୍ରା. ୟୁରିଆ ଓ ୩୫ କି.ଗ୍ରା. ମ୍ୟୁରେଟ୍ ଅଫ୍ ପଟାସ ପ୍ରୟୋଗ କରନ୍ତୁ ।

- ସୋରିଷ: ବୁଣିବାବେଳେ ବିହନ ବୁଣା ଯନ୍ତ୍ର ସହିତ ଏକର ପ୍ରତି ୨୦-୨୫ କି.ଗ୍ରା. ଡିଏପି ପ୍ରୟୋଗ କରନ୍ତୁ । ପ୍ରଥମ ଜଳସେଚନ ପୂର୍ବରୁ ଏକର ପ୍ରତି ୩୫-୪୦ କି.ଗ୍ରା. ୟୁରିଆ ଓ ୨୦ କି.ଗ୍ରା. ମ୍ୟୁରେଟ୍ ଅଫ୍ ପଟାସ ପ୍ରୟୋଗ କରନ୍ତୁ । ମଞ୍ଜିରେ ତୈଳ ଅଂଶ ଓ ପୁଷ୍ଟିସାର ପରିମାଣ ବୃଦ୍ଧି ପାଇଁ ଗନ୍ଧକ ସହାୟକ ହୋଇଥାଏ । ଏହାଦ୍ୱାରା ଅମଳ ମଧ୍ୟ ବୃଦ୍ଧି ପାଇଥାଏ । ବୁଣିବା ବେଳେ ଏକର ପ୍ରତି ୧୦ କି.ଗ୍ରା. ଗନ୍ଧକ ସାର (ଗ୍ରୋମୋର) ବିଞ୍ଚିଦେବା ଆବଶ୍ୟକ ।

## ଜଳସେଚନ

ମାଟିର ବତର ଓ ଗଛର ସଙ୍କଟଜନକ ଅବସ୍ଥା ଉପରେ ନିର୍ଭର କରି ଜଳସେଚନ କରିବାକୁ ହୋଇଥାଏ ।

**ରାଇସୋରିଷ:** ନିମ୍ନ ଅବସ୍ଥାମାନଙ୍କରେ ତିନିଥର ଜଳସେଚନ କରିବା ଆବଶ୍ୟକ ।

- ଡାଳ ହେବା ଅବସ୍ଥା:- ବୁଣିବାର ୨୫-୩୦ ଦିନ ପରେ
- ଫୁଲ ହେବା ଅବସ୍ଥା:- ବୁଣିବାର ୪୦-୫୦ ଦିନ ପରେ
- ଦାନା ପୂରଣ ହେବା ଅବସ୍ଥା:- ବୁଣିବାର ୬୦-୬୫ ଦିନ ପରେ

**ସୋରିଷ:** ଦୁଇଟି ଜଳସେଚନ ଦରକାର ।

- ଡାଳ ହେବା ଅବସ୍ଥା: ବୁଣିବାର ୨୫-୩୦ ଦିନ ପରେ
- ଦାନା ପୂରଣ ଅବସ୍ଥା: ବୁଣିବାର ୪୦-୫୦ ଦିନ ପରେ
- ଏହି ସମୟ ମଧ୍ୟରେ ବର୍ଷା ହେଲେ ଜଳସେଚନ କରିବା ଆବଶ୍ୟକ ହୋଇନଥାଏ ।

## ଅନାବନା ଘାସ ଦମନ ଓ କୋଡାଖୁସା:

ଭଲ ଅମଳ ପାଇବା ପାଇଁ ଜମିକୁ ଘାସମୁକ୍ତ କରିବା ଆବଶ୍ୟକ । ଏଥିପାଇଁ ବୁଣିବା ପରଦିନ ହେକ୍ଟର ପ୍ରତି ୧ କି.ଗ୍ରା. ପେଣ୍ଡିମେଥାଲିନ୍ କ୍ରିୟାଶୀଳ ପଦାର୍ଥ (ଏକର ପ୍ରତି ୧.୨୫ ଲିଟର ବ୍ୟବସାୟିକ ଉତ୍ପାଦ)କୁ ୨୦୦ ଲିଟର ପାଣି ସହିତ ମିଶାଇ ଜମିରେ ସ୍ପ୍ରେ କରାଯାଇପାରେ ।

ଏହା ବଦଳରେ ବୁଣିବାର ୨୦-୨୫ ଦିନ ପରେ ହେକ୍ଟର ପ୍ରତି ୩୭.୫ ଗ୍ରାମ୍ କ୍ୱିଜାଲଫପ୍ଇଥାଇଲ କ୍ରିୟାଶୀଳ ପଦାର୍ଥ (ଏକର ପ୍ରତି ୪୦୦ ମି.ଲି. ଉତ୍ପାଦ)କୁ ୨୦୦ ଲିଟର ପାଣି ସହ ମିଶାଇ ଜମିରେ ପ୍ରୟୋଗ କରାଯାଇପାରିବ ।

ବିନା ହଳରେ ବିହନ ବୁଣୁଥିଲେ ବୁଣିବା ପୂର୍ବରୁ ଏକର ପ୍ରତି ୧୦୦୦ ମି.ଲି ଗ୍ଲାଇଫୋସେଟ୍ (ପ୍ରତି ୧୫ ଲିଟର ସ୍ପ୍ରେୟାରରେ ୯୦ ମି.ଲି. ହିସାବରେ ୧୨ ଥର) ପ୍ରୟୋଗ କଲେ ପୁରୁଣା ଘାସ ମରିଯାଇଥାଏ ।

## ବହଳିଆ ଗଛ ଉପାଡିବା:

ଏହା ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ । ହେକ୍ଟର ପ୍ରତି ୪-୫ କି.ଗ୍ରା. ବିହନ ବୁଣାଗଲେ ବର୍ଗମିଟର ପିଛା ୮୦-୯୦ ଗଛ ଉଠିଥାଏ । ଅଧିକ ଅମଳ ପାଇବା ପାଇଁ ବର୍ଗମିଟର ପିଛା ରାଇସୋରିଷର ୨୫-୩୦ ଗଛ ଓ ସୋରିଷର ୪୦-୫୦ ଗଛ ରହିବା ଉଚିତ୍ । ଏଥିପାଇଁ ବୁଣିବାର ୨୦-୨୫ ଦିନ ପରେ ସାର ପ୍ରୟୋଗ ପୂର୍ବରୁ ବଳକା ଗଛକୁ ଉପାଡି ଦେବା ଆବଶ୍ୟକ । ବଳକା ଗଛ ଉପାଡିବା ସହିତ ଅନାବନା ଗଛ ମଧ୍ୟ ସଫା କରାଯାଇପାରେ ।

## ରୋଗପୋକ ପରିଚାଳନା:

କୃଷି ବିଶ୍ୱବିଦ୍ୟାଳୟର ସୁପାରିଶ ଅନୁସାରେ ନିମ୍ନମତେ ରୋଗପୋକ ପରିଚାଳନା କରାଯାଇପାରେ ।

ଜଉପୋକ ଦମନ ପାଇଁ ଏକର ପ୍ରତି ୪୦୦ ମି.ଲି. ମିଥାଇଲ୍ ଡିମେଟନ ବା ଡାଇମିଥଏଟ୍ କିମ୍ବା ୫୦ ମି.ଲି. ଇମିଡାକ୍ଲୋପ୍ରିଡ୍ ପ୍ରୟୋଗ କରାଯାଇପାରେ । କରତିଆ ମାଛି ଦମନ ପାଇଁ ଏକର ପ୍ରତି ୪୦୦ ମି.ଲି. ଟ୍ରାୟାଜୋଫସ ବା କୁଇନାଲଫସକୁ ଅଦଳବଦଳ କରି ପ୍ରୟୋଗ କରାଯାଇପାରେ । ପତ୍ରପୋଡା ପୋକ ଦମନ ନିମନ୍ତେ ଏକର ପ୍ରତି ୪୦୦ ମି.ଲି. କୁଇନାଲଫସ ପ୍ରୟୋଗ କରିବାକୁ ହେବ । ପତ୍ର ଦାଗ ରୋଗ ହେଲେ ପ୍ରତି ୧୪ ଦିନ ବ୍ୟବଧାନରେ ଶତକଡା ୦.୨ ଭାଗ କୁମାନଏଲ ବା କ୍ଲାଇଟକ୍ସ-୫୦ ପ୍ରୟୋଗ କରିବା ଆବଶ୍ୟକ । ଏକର ପ୍ରତି ୧୫୦-୨୦୦ ଲିଟର ପାଣି ସ୍ପ୍ରେ କରିବା ଦରକାର ।



ବିନା ଚାଷରେ ସମପୋଷକ ଅଙ୍କୁରଣ ଏବଂ ସୁସ୍ଥ ସୋରିଷ

## ଅମଳ:

ଗଛଗୁଡ଼ିକ ହଳଦିଆ ବା ବାଦାମୀ ରଙ୍ଗର ପଡିଗଲେ ଅମଳ ପାଇଁ ଉପଯୁକ୍ତ ହୋଇଥାଏ । ଅଧିକାଂଶ ପତ୍ର ଝଡି ପଡେ ବା ହଳଦିଆ ରଙ୍ଗର ହୋଇଥାଏ । ମୂଳରେ ଥିବା କେତେକ ଛୁଇଁକୁ ଛାଡିଦେଲେ ଅନ୍ୟ ଛୁଇଁ ଗୁଡ଼ିକ ଈଷତ୍ ହଳଦିଆ ଦେଖାଯିବା ସହିତ ଏଥିରେ ଯଥେଷ୍ଟ ଜଳୀୟ ଅଂଶ ରହିଥାଏ । ସକାଳୁ ଫସଲ ଅମଳ କରିବା ଉଚିତ୍ । ଏହା ହେଲେ ଛୁଇଁ ଫାଟିଯାଇ ମଞ୍ଜି ନଷ୍ଟ ହେବାର ଆଶଙ୍କା ରହେ ନାହିଁ ।

ଅମଳ ପରେ ଗଛକୁ ନେଇ ଖଳାରେ ୨-୩ ଦିନ ଶୁଖାଇ ଦେବାକୁ ହେବ । ଏହାପରେ ମଞ୍ଜିକୁ ଅମଳ କରାଯାଇଥାଏ । ମଞ୍ଜିକୁ ଭଲଭାବେ ସଫା କରି ଖରାରେ ଶୁଖାଯାଏ । ଏହାର ଜଳୀୟ ଅଂଶ ଶତକଡା ୭ ଭାଗକୁ କମି ଆସିଲେ ସାଇତି ରଖିବାକୁ ହୁଏ ।

### ଏକର ପ୍ରତି ଆନୁମାନିକ ଲାଭକ୍ଷତି ହିସାବ

| କାର୍ଯ୍ୟ | ବ୍ୟୟ (ଟଙ୍କାରେ) | |
|---|---|---|
| | ରାଇ ସୋରିଷ | ସୋରିଷ |
| ଜମି ପ୍ରସ୍ତୁତି (ପାରମ୍ପରିକ ହଳ) | ୧୦୦୦ | ୧୦୦୦ |
| ଜମି ପ୍ରସ୍ତୁତି (ବିନା ହଳ) | - | - |
| ବିହନ ବୁଣାଯନ୍ତ୍ରରେ ଧାଡ଼ିବୁଣା | ୬୦୦ | ୬୦୦ |
| ବିହନ ମୂଲ୍ୟ | ୩୦୦ (କି.ଗ୍ରା. ୧୦୦ ଟଙ୍କା) | ୧୦୦ (କି.ଗ୍ରା. ପ୍ରତି ୫୦ ଟଙ୍କା) |
| ଘାସମରା ଔଷଧ (ପାରମ୍ପରିକ) | ୪୦୦ | ୪୦୦ |
| ଘାସମରା ଔଷଧ (ବିନାହଳ) | ୮୦୦ | ୮୦୦ |
| କୀଟନାଶକ ଔଷଧ | ୪୦୦ | ୪୦୦ |
| ବହଳିଆ ଗଛ ଉପାଡିବା | ୧,୦୦୦ | ୧,୦୦୦ |
| ରାସାୟନିକ ସାର | ୧୭୦୦ | ୧୧୦୦ |
| ଜଳସେଚନ* | ୧୪୦୦ | ୧୦୦୦ |
| ଅମଳ | ୬୦୦ | ୬୦୦ |
| ମଞ୍ଜି ଅଲଗା କରିବା | ୬୦୦ | ୬୦୦ |
| **ମୋଟ ଖର୍ଚ୍ଚ (ପାରମ୍ପରିକ ହଳ)** | **୮୨୦୦** | **୭୦୦୦** |
| **ମୋଟ ଖର୍ଚ୍ଚ (ବିନା ହଳ)** | **୭,୪୦୦** | **୬,୩୦୦** |

**ସୂଚନା: ଶୀତ ଋତୁରେ ଜଳସେଚନ ସୁବିଧା ଥିବା ସ୍ଥାନରେ ସୋରିଷ ଓ ରାଇ ସୋରିଷକୁ ଧାନ ଭିତ୍ତିକ ଫସଲ ପର୍ଯ୍ୟାୟରେ ଏକ ଉତ୍ତମ ଫସଲ ଭାବେ ନିଆଯାଇପାରେ । ଧାନ ଚାଷ ପରେ ପଡ଼ିଆ ପଡୁଥିବା ଜମିରେ ମଧ୍ୟ ଏହାକୁ ସଫଳ ଭାବେ ଚାଷ କରାଯାଇପାରିବ ।**